# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 15 June – 2025

---

## ଯାଜପୁର- ଝାଡ଼ାବାନ୍ତି

ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ରୋଗର ମୁକାବିଲାକୁ ଦୃଷ୍ଟିରେ ରଖି ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି । କେନ୍ଦ୍ର ସରକାର ଇତିମଧ୍ୟରେ ଏକ ୭ ଜଣିଆ ସ୍ୱାସ୍ଥ୍ୟସେବା ଟିମ୍ ଓ ୩ ଜଣିଆ ଖାଦ୍ୟ ନିରାପତ୍ତା ଦଳ ଓଡ଼ିଶାକୁ ପଠାଇଛନ୍ତି । କେନ୍ଦ୍ର ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷଙ୍କ ତରଫରୁ ମଧ୍ୟ ଏକ ଚାରିଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଦଳ ଯାଞ୍ଚ ପାଇଁ ଓଡ଼ିଶାକୁ  ଆସୁଥିବା ଜଣାପଡ଼ିଛି । ଜିଲ୍ଲାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ।

**V/O**

## ବିମାନ ବନ୍ଦରରେ ମକ୍‌ଡ୍ରିଲ

ଅହମ୍ମଦାବାଦ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖରେ ଦେଶର ସମସ୍ତ ବିମାନ ବନ୍ଦରରେ ମକ୍‌ଡ୍ରିଲ କରିବାକୁ ଡିଜିସିଏ'ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର ବିମାନ ବନ୍ଦରରେ ସେହିଦିନ ମକ୍‌ଡ୍ରିଲ

କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିମାନ ବନ୍ଦରର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯିବା ସହ ନିକଟବର୍ତ୍ତୀ ଅଞ୍ଚଳରେ ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# ଏକ୍ସିଓମ୍-୪ ମିଶନ

ଏକ୍ସିଓମ୍-୪ ମିଶନକୁ ଆସନ୍ତା ୧୯ ତାରିଖରେ କାର୍ଯ୍ୟକାରୀ କରାଯିବା ନେଇ ସ୍ଥିର ହୋଇଛି। ଇସ୍ରୋ, ଏକ୍ସିଓମ୍ ସ୍ପେସ୍ ଏବଂ ସ୍ପେସ୍-ଏକ୍ସ ମଧ୍ୟରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇତିମଧ୍ୟରେ ମିଶନକୁ କାର୍ଯ୍ୟକାରୀ କରିବା ନେଇ ବୈଷୟିକ ଆହ୍ୱାନ ଗୁଡ଼ିକର ସମାଧାନ ହୋଇଛି ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ମିଶନରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଅନ୍ୟ ତିନି ଜଣଙ୍କ ସହ ମହାକାଶକୁ ଯାତ୍ରା କରିବେ।

# ଯୋଗ ଦିବସ

ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ

କରାଯାଇଛି । ଆସନ୍ତା ୨୧ ତାରିଖରେ ଏକାଦଶ ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ବିଦ୍ୟାଳୟଗୁଡ଼ିକରେ ସକାଳ ୬ଟାରୁ ୭ଟା ୪୫ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଯୋଗ ଅଧିବେଶନ ଅନୁଷ୍ଠିତ ହେବ ।

## ବିକାଶ ମେଳା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ୭ ଦିନିକିଆ ବିକାଶ ମେଳା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଥିରେ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି । ଏହି ଅବସରରେ ଶ୍ରୀ ହରିଚନ୍ଦନ ବିଭିନ୍ନ ଯୋଜନା ଅଧୀନରେ ସହାୟତା  ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି ।

## ବରିଷ୍ଠ ନାଗରିକ ସୁରକ୍ଷା ଦିବସ

ବରିଷ୍ଠ ନାଗରିକଙ୍କ ବିରୋଧରେ ନିର୍ଯାତନା ଏବଂ ଅବହେଳାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ବୟସ୍କ ନିର୍ଯାତନା ନିରୋଧ ସଚେତନତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି ‘ତଥ୍ୟ ଏବଂ କାର୍ଯ୍ୟ ମାଧ୍ୟମରେ ଦୀର୍ଘକାଳୀନ ଯତ୍ନ ସହ ବରିଷ୍ଠ ନାଗରିକଙ୍କ ନିର୍ଯାତନା ସମାଧାନ’ । ଏହି ଅବସରରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ବରିଷ୍ଠ ନାଗରିକ ସୁରକ୍ଷା-୨

ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗତକାଲି ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଅଧିକାର ଏବଂ ଏଥିପାଇଁ ଥିବା ଆଇନଗୁଡ଼ିକ ଉପରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ସେଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା ।

# ରଜ ସଂକ୍ରାନ୍ତୀ

ରଜ ସଂକ୍ରାନ୍ତୀ ଆଜି ପାଳନ କରାଯାଉଛି । ତିନିଦିନିଆ ରଜ ମହୋତ୍ସବର ଦ୍ୱିତୀୟ ଦିନକୁ ସଂକ୍ରାନ୍ତୀଭାବେ ପାଳନ କରାଯାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି । ଆସନ୍ତାକାଲି ଭୂମିଦହନ ପାଳନ କରାଯିବ ।

# ଫକୀର ମୋହନଙ୍କ ମହାପ୍ରୟାଣ ଦିବସ

ବ୍ୟାସକବି ଫକୀର ମୋହନ ସେନାପତିଙ୍କର ଆଜି ହେଉଛି ୧୦୭ତମ ମହାପ୍ରୟାଣ ଦିବସ । ୧୮୪୩ ମସିହା ମକର ସଂକ୍ରାନ୍ତୀରେ ଜନ୍ମଗ୍ରହଣ

କରିଥିବା ଫକୀର ମୋହନ ୧୯୧୮ ମସିହା ରଜ ସଂକ୍ରାନ୍ତୀରେ ଇହଲୀଳା ସମ୍ବରଣ କରିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ ଏବଂ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ ସ୍ମୃତିସଭାର ଆୟୋଜନ କରାଯାଉଛି।

## ଧାନବସ୍ତା ଉଠାଣ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ମଣ୍ଡିରେ ପଡ଼ିରହିଥିବା ଧାନ ବସ୍ତାକୁ ଶୀଘ୍ର ଉଠାଣ ପାଇଁ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କୃଷକ ଶକ୍ତି ସଂଗଠନ ପକ୍ଷରୁ ଏଥିପାଇଁ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ୧୫୭ ଜଣ ଚାଷୀଙ୍କ ୨୦ ହଜାର ୬୬୭ ବସ୍ତା ଧାନ ମଣ୍ଡିରେ ପଡ଼ି ରହିଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେଉଛି। କୋରାପୁଟର ଲମତାପୁଟଠାରେ ସର୍ବାଧିକ ୬୦ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।